# NATIONAL NEWS BULLETIN (ODIA)

## 25 June 2026

## Midday Bulletin : 1.50 P.M.

********************************

## ମୁଖ୍ୟ ସମ୍ବାଦ

- ଜରୁରୀକାଳୀନ ପରିସ୍ଥିତିରେ ଦେଶର ଗଣତାନ୍ତ୍ରିକ ପ୍ରତିଷ୍ଠାନ ଗୁଡ଼ିକ ଆକ୍ରୋଶର ଶିକାର ହୋଇଥିଲେ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ ।

- ହରିୟାଣାର ଗୁରୁଗ୍ରାମଠାରେ ଏକାଦଶ ବ୍ରିକ୍ସ ଶକ୍ତି ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆରମ୍ଭ ।

- ଭେନଜୁଆଲାର କେତେକ ଅଞ୍ଚଳରେ ଆଜି ଲଗାତର ଭୂକମ୍ପ ଅନୁଭୂତ, ୩୨ଜଣଙ୍କର ମୃତ୍ୟୁ, ୭୦୦ରୁ ଅଧିକ ଆହତ ।

- ଜରୁରୀକାଳୀନ ପରସ୍ଥିତି ଘୋଷଣା କଲେ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗ୍ୱେଜ୍ ।

ଏବଂ

- ଶ୍ରୀଲଙ୍କାର ଗାଲେଠାରେ ଜାରିରହିଛି ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଚଳିତ କ୍ରିକେଟ୍ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍ ।

**ସମ୍ବିଧାନ ହତ୍ୟା ଦିବସ**

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତିକୁ ଆଜି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହାକୁ ସ୍ମରଣ କରି ଆଜି ଦେଶର ବିଭିନ୍ନ ପ୍ରାନ୍ତରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି ।

ଏହି ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ସମୟରେ ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ପାଇଁ ପରିସ୍ଥିତିକୁ ଦୃଢ଼ଭାବେ ସାମ୍ନା କରିଥିବା ସମସ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଦେଶର ଗଣତନ୍ତ୍ରର ମୂଳଦୁଆ ଗଠନ କରୁଥିବା ପ୍ରତିଷ୍ଠାନଗୁଡ଼ିକ ସେହି ସମୟରେ ମଧ୍ୟ ଆକ୍ରୋଶର ଶିକାର ହୋଇଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଜରୁରୀକାଳୀନ ପରିସ୍ଥିତି ସାମ୍ବିଧାନିକ ମୂଲ୍ୟବୋଧର କଠୋର ପରୀକ୍ଷା ନେଇଥିଲା । ନାଗରିକ ସ୍ୱାଧୀନତାକୁ କ୍ଷୁଣ୍ଣ କରାଯିବା ସହ ସ୍ୱାଧୀନ ଅଭିବ୍ୟକ୍ତି ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରାଯାଉଥିଲା । ସମ୍ବିଧାନକୁ ମାର୍ଗଦର୍ଶିକା ଭାବେ ଗ୍ରହଣ କରି ଦୃଢ଼ ଅଙ୍ଗୀକାରବଦ୍ଧତାର ସହ

ବିକଶିତ ଭାରତ ଗଠନ କରିବାକୁ ଉପରାଷ୍ଟ୍ରପତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ୨୫ଜୁନ୍‌କୁ ମୋଦୀ ସରକାର ସମ୍ବିଧାନ ହତ୍ୟା ଦିବସ ଭାବରେ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଏହି ଅନ୍ଧକାର ଅଧ୍ୟାୟ ସମ୍ପର୍କରେ ଭବିଷ୍ୟତ ବଂଶଧରଙ୍କୁ ସଚେତନ କରିବା ।

## ମନୋହରଲାଲ-ବ୍ରିକ୍ସ

ହରିୟାଣାର ଗୁରୁଗ୍ରାମଠାରେ ଏକାଦଶ ବ୍ରିକ୍ସ ଶକ୍ତି ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆରମ୍ଭ ହୋଇଛି । ଭାରତ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରିଛି । ସମ୍ମିଳନୀକୁ ଉଦ୍‌ଘାଟନ କରି ଶକ୍ତିମନ୍ତ୍ରୀ ମନୋହରଲାଲ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ସୁଲଭ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତିକ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶକ୍ତି କ୍ଷେତ୍ରରେ ଭାରତର ନିବେଶ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି ବିଶ୍ୱର ସର୍ବବୃହତ୍ ଡିଜିଟାଲ ସକ୍ଷମ ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟରେ ସ୍ଥାନିତ ହେବାପାଇଁ ଭାରତ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ବ୍ୟାପକ କରୁଛି । ୬ କୋଟିରୁ ଅଧିକ ସ୍ମାର୍ଟ ମିଟର ଇତିମଧ୍ୟରେ କାର୍ଯ୍ୟକାରୀ ହୋଇସାରିଛି । ଭବିଷ୍ୟତରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି ।

ବ୍ରିକ୍ସ ସଦସ୍ୟରାଷ୍ଟ୍ରଗୁଡ଼ିକର ଶକ୍ତିମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ସମ୍ମିଳନୀରେ ଯୋଗଦେଇ ଶକ୍ତିସୁରକ୍ଷା ପ୍ରସଙ୍ଗ ଆଧାରିତ ବିଭିନ୍ନ ବିଷୟ

ଉପରେ ମତ ବିନିମୟ କରୁଛନ୍ତି । ନବସୃଜନ, ସହଯୋଗ ଏବ ସମାବେଶୀ ବିକାଶ ଉପରେ ଏହି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି ।

## ଡବ୍ଲ୍ୟୁବି-ଆକ୍ସିଡେଣ୍ଟ

କୋଲକାତା ତରତାଲା ନିର୍ମାଣାଧୀନ କୋଠା ଭୁଶୁଡିପଡିବା ଘଟଣାରେ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ୨୦ଜଣ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି । ପଶ୍ଚିମବଙ୍ଗ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୁର୍ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୧୦ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । କୋଲକାତା ଅତିରିକ୍ତ ପୁଲିସ କମିଶନର କୁନାଲ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ ୫ଜଣଙ୍କୁ ଗିରଫ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୃତକଙ୍କ ନିକଟ

ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

## ଭେନଜୁଆଲା-ଆର୍ଥକ୍ୱେକ

ଭେନ୍‌ଜୁଆଲାର କାରାକସ ଏବଂ ଆଖପାଖ ଅଞ୍ଚଳରେ ଆଜି ସକାଳେ ଭୂ-କମ୍ପ ଅନୁଭୂତ ହୋଇଥିଲା । ଲଗାତର ଭାବେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୭ ଦଶମିକ ୨ ଏବଂ ୭ ଦଶମିକ ୫ ରେକର୍ଡ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଡେଲ୍‌ସୀ ରୋଡ୍ରିଗ୍ୱେଜ୍ ଜରୁରୀକାଳନ ପରିସ୍ଥିତି ଘୋଷଣା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ସରକାରୀ ଏବଂ ଘରୋଇ କ୍ଷେତ୍ର ସହଯୋଗରେ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଏହି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ବିଭିନ୍ନ ସ୍ଥାନରେ ବଡବଡ ନିର୍ମାଣ ତଥା ଭିତ୍ତିଭୂମି କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି । ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରହିଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ରୋଡ୍ରିଗ୍ୱେଜ୍ କହିଛନ୍ତି ଭୂକମ୍ପରେ ଏପର୍ଯ୍ୟନ୍ତ ୩୨ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ୭୦୦ରୁ ଅଧିକ ଆହତ ହୋଇଛନ୍ତି । ପରିସ୍ଥିତିକୁ ଲକ୍ଷ୍ୟକଲେ ମୃତ୍ୟୁ ଏବଂ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । କ୍ଷୟକ୍ଷତିର ଆକଳନ କରିବା ପାଇଁ ଜରୁରୀକାଳୀନ ଦଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ରାଷ୍ଟ୍ରପତି କହିଛନ୍ତି । ଆମେରିକୀୟ ଭୂତତ୍ତ୍ୱ ସର୍ଭେସଂସ୍ଥା ଅନୁଯାୟୀ ଶାନ୍ ଫିଲିପ୍‌ରେ ପ୍ରଥମେ ୭ ଦଶମିକ ୨ ଏବଂ ପରେ ୟୁମାରେ ସହରରେ ୭ ଦଶମିକ ୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ପ୍ରଥମ ଭୂକମ୍ପର ମାତ୍ର ୩୯ ସେକେଣ୍ଡ

ପରେ ଦ୍ୱିତୀୟ ଭୂକମ୍ପ ହୋଇଥିବା ଜଣାପଡିଛି । ଭୂକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ପାଇଁ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସହାନୁଭୂତି ଜ୍ଞାପନ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇଦେବା ନେଇ ଶ୍ରୀ ମୋଦୀ ଭେନ୍‌ଜୁଆଲା ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଇଣ୍ଡିଆ ଚାଇନା - ଲିପୁଲେଖ ପାସ

ଭାରତ ଓ ଚୀନ୍ ମଧ୍ୟରେ ସୀମାପାର ବାଣିଜ୍ୟ କାରବାର ଆସନ୍ତା କାଲିଠାରୁ ପୁନଃ ସ୍ଥାପନ ହେବାର ଆଶା କରାଯାଉଛି । ପ୍ରାୟ ୬ ବର୍ଷ ପରେ ଉତ୍ତରାଖଣ୍ଡର ଲିପୁଲେଖ ପଥ ଦେଇ ଏହା ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ପ୍ରୟାସ ଆରମ୍ଭ ହୋଇଛି । ପିଥରାଗଡ ଜିଲ୍ଲା ଅନ୍ତର୍ଗତ ଧରଚୁଲା ପ୍ରଶାସନ ଦେଇଥିବା ସୂଚନା ଅନୁଯାୟୀ ଭାରତୀୟ ବ୍ୟବସାୟୀଙ୍କ ପ୍ରଥମ ଦଳ ଆସନ୍ତାକାଲି ତୀବତର ତକ୍‌ଲାକୋର୍ଟ ବଜାରକୁ ଯାତ୍ରା କରିବେ । ଧରଚୁଲାର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ତଥା ବାଣିଜ୍ୟ ଅଧିକାରୀ ଆଶିଷ ଯୋଶୀ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ପ୍ରଥମ ପର୍ଯ୍ୟାୟର ଏହି ଯାତ୍ରା ପାଇଁ ୨୬ଜଣଙ୍କୁ ଅନୁମତି ପ୍ରଦାନ କରାଯାଇଛି । ସେମାନଙ୍କ

ମଧ୍ୟରେ ୧୭ଜଣ ବ୍ୟବସାୟୀ ଏବଂ ୯ଜଣ ସହଯୋଗୀ ଅନ୍ତର୍ଭୁକ୍ତ । ବାଣିଜ୍ୟ କାରବାରକୁ ଅଧିକ ସୁଗମ ତଥା ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଗୁଞ୍ଜିଠାରେ ଏକ କଷ୍ଟମ୍ସ କାର୍ଯ୍ୟାଳୟ ସ୍ଥାପନା କରାଯାଇଛି । ବ୍ୟବସାୟୀ ଦଳ ଲିପୁଲେଖ ଘାଟ ନିକଟସ୍ଥ ଗୋଦାମ ଘରକୁ ସେମାନଙ୍କର ବ୍ୟବସାୟଜନିତ ସାମଗ୍ରୀ ସ୍ଥାନାନ୍ତର କରିସାରିଲେଣି । ୧୦୩ରୁ ଅଧିକ ବ୍ୟବସାୟୀ ବାଣିଜ୍ୟ କାରବାର ପାଇଁ ଆବେଦନ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଜଣଙ୍କୁ ଅନୁମତି ପ୍ରଦାନ କରାଯିବ ବୋଲି ଶ୍ରୀ ଯୋଶୀ ସୂଚନା ଦେଇଛନ୍ତି । ୨୦୨୦ ମସିହାରେ କୋଭିଡ ମହାମାରୀକୁ ଦୃଷ୍ଟିରେ ରଖି ଦୁଇଦେଶ ମଧ୍ୟରେ ସୀମାପାର ବାଣିଜ୍ୟକୁ ବନ୍ଦ ରଖାଯାଇଥିଲା ।

## ଗୋୟଲ୍-ୟୁକେ ଭିଜିଟ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଆଜିଠାରୁ ୩ ଦିନିଆ ଲଣ୍ଡନ ଗସ୍ତରେ ଯିବେ । ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତି ଏବଂ ଆସନ୍ତାମାସ ୧୫ ତାରିଖରେ ହେବାକୁ ଥିବା ଡବଲ୍ କଣ୍ଟ୍ରିବ୍ୟୁସନ୍ ସମ୍ମିଳନୀ ପୂର୍ବରୁ ତାଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି । ଏହି ଗସ୍ତ କାଳରେ ଶ୍ରୀ ଗୋୟଲ ଯୁକ୍ତରାଷ୍ଟ୍ରର ବାଣିଜ୍ୟ ସଚିବ ପିଟର କାଲେ ଙ୍କ ସହ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ବୈଠକ କରିବେ ।

ବୈଠକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଓ ଏହା ସଂପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ବାର୍ତ୍ତାଳାପ ହେବ । ଅନ୍ୟପକ୍ଷରେ ଶ୍ରୀ ଗୋୟଲ କହିଛନ୍ତି, ଆସନ୍ତାମାସରେ ହେବାକୁ ଥିବା ଡବଲ୍ କଣ୍ଟ୍ରିବ୍ୟୁସନ୍ ସମ୍ମିଳନୀରେ ଉଭୟ ଦେଶ ମଧ୍ଯରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜି ନିବେଶ ନେଇ ଆଲୋଚନା ହେବ । ସୂଚନା ଅନୁଯାୟୀ ମନ୍ତ୍ରୀ ଶ୍ରୀ ଗୋୟଲ ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## କ୍ରିକେଟ-ଟେଷ୍ଟ

ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ଯରେ ପୁରୁଷବର୍ଗ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି । ଶ୍ରୀଲଙ୍କାର ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମଠାରେ ଖେଳାଯାଉଥିବା ଏହି ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଭାରତ ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୩୭ ଓଭରରେ ୨ ୱିକେଟ୍ ବିନିମୟରେ ୧୪୮ ରନ୍ ସଂଗ୍ରହ କରିଥିଲା । ସାଇ ସୁଦର୍ଶନ ୮୯ରନ୍ ଓ ରିତୁରାଜ ଗାଏକ୍ୱାଡ ୧୬ ରନ୍ କରି କ୍ରିଜ୍‌ରେ ଅପରାଜିତ ରହିଥିଲେ ।

ଏହି ଗସ୍ତ ଅବସରରେ ଭାରତ-ଏ ଦଳ ୨ଟି ୪ଦିନିଆ ଟେଷ୍ଟ ମ୍ୟାଚ୍ ଶ୍ରୀଲଙ୍କା ଏ ବିପକ୍ଷରେ ଖେଳିବ ।

# ଫିଫା-ଫୁଟବଲ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ନକ୍ଆଉଟ ପର୍ଯ୍ୟାୟକୁ ପ୍ରଥମଥର ପାଇଁ ଦକ୍ଷିଣଆଫ୍ରିକା ଉନ୍ନୀତ ହୋଇଛି । ଆଜି ସକାଳେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଚେକ୍ ଗଣରାଜ୍ୟକୁ ୩-୦ ଗୋଲ୍‌ରେ ମେକ୍ସିକୋ ପରାସ୍ତ କରିଛି । ହାଇତିକୁ ୪-୨ ଗୋଲ୍‌ରେ ପରାସ୍ତ କରି ମରକ୍କୋ ନକ୍ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଛି ।